# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଯୀଶୁ ଏବଂ ଲାଜାର

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ମରିୟମ ଏବଂ ମାର୍ଥା ବ୍ୟସ୍ତ ହେଲେ ।
ସେମାନଙ୍କର ଭାଇ ଲାଜାର
ଅସୁସ୍ଥ ଥିଲେ-ଅତ୍ୟଧିକ ଅସୁସ୍ଥ ।
ଭଉଣିମାନେ ଜାଣିପାରୁଥିଲେ
ଯେ ଲାଜାର ଶିଘ୍ର
ମରିଯାଇ ପାରନ୍ତି ।



ସେମାନେ ଯୀଶୁଙ୍କୁ କହି
ପଠାଇଲେ । ବେଥାନିର ଏହି
ଛୋଟ ପରିବାରକୁ ଯୀଶୁ
ଅତ୍ୟଧିକ ସ୍ନେହ
କରୁଥିଲେ ।



ଯେତେବେଳେ ଯୀଶୁ ଲାଜାରଙ୍କ ବିଷୟରେ ଶୁଣିଲେ ସେ ଶିଷ୍ୟମାନଙ୍କୁ କହିଲେ, ଏହି ରୋଗ ମୃତୁର କାରଣ ହେବ ନାହିଁ । ଯୀଶୁ ଅନେକ ମାଇଲ୍ ଦ୍ୱରରେ ଥିଲେ ମଧ୍ୟ, ସେ ଲାଜାରଙ୍କ ସହିତ କଅଣ ହେବାକୁ ଯାଉଅଛି ତାହା ଜାଣିଥିଲେ ।



ଯୀଶୁ ବେଥାନୀକୁ ଯିବା ଆଗରୁ ଦୁଇଦିନ ସେଠାରେ ରହିଗଲେ ।
ତାହାପରେ ସେ ଏପରି କହିଲେ ଯାହା ଶିଶ୍ୟମାନଙ୍କୁ ଚିନ୍ତାରେ
ପକାଇଲା । ଲାଜାରଙ୍କର
ମୃତୁ ହୋଇଯାଇଛି ।



ମୁଁ ଆନନ୍ଦିତ କି ମୁଁ ସେଠାରେ ନଥିଲି ଓ ତୁମେ ବିଶ୍ୱାସ କରିଥାନ୍ତ । ଏହି ଆନୋଖା ଶବ୍ଦ ଗୁଡ଼ାକର ଅର୍ଥ କଅଣ ? ଯୀଶୁ କଅଣ କରିବାକୁ ଚାହୁଁଥିଲେ ?



ଯେତେବେଳେ
ଯୀଶୁ ବେଥାନୀରେ
ପହଞ୍ଚିଲେ, ଲାଜାର ମରିଯିବାର
ଚାରିଦିନ ହୋଇଥିଲା ।
ତାଙ୍କର ଶରିରକୁ,

ସମାଧି ବସ୍ତ୍ରରେ
ଗୁଡ଼ାହୋଇଥିଲା,
ସେ ଏକ ଗୁମ୍ଫା ସମ
ସମାଧିରେ ଥିଲା ।



ମାର୍ଥା ଯୀଶୁଙ୍କୁ ଭେଟିବାକୁ ଗଲା । ତୁମ୍ଭର ଭାଇ ପୁଣି ମୃତ୍ୟୁରୁ ଉଠିବ, ଯୀଶୁ କହିଲେ । ମୁଁ ଜାଣେ ସେ ଯେ ଶେଷଦିନରେ ପୁନରୁତ୍ଥାନ ସମୟରେ ଉଠିବ, ମାର୍ଥା କହିଲେ ।



ସେ ଭାବିଲା ତାଙ୍କୁ ଲାଜାରଙ୍କୁ ପୁନର୍ବାର ଦେଖିବାକୁ ଶେଷଦିନ ପର୍ଯ୍ୟନ୍ତ ଜଗିବାକୁ ପଡ଼ିବ । କିନ୍ତୁ ଯୀଶୁ କିଛି ଅଲଗା ଚିନ୍ତା କରିଥିଲେ ।



ଯୀଶୁ ମାର୍ଥାଙ୍କୁ କହିଲେ ମୁଁ ପୁନରୁଥାନ ଓ ଜୀବନ ।

ଯେ ମୋଠାରେ ବିଶ୍ୱାସ କରେ ସେ ଯଦ୍ୟପି ମରେ ତଥାପି ବଞ୍ଚିବ । ମାର୍ଥା ଯୀଶୁଙ୍କୁ ବିଶ୍ୱାସ କଲେ । ସେ ଜାଣିଥିଲା ଯେ ସେ ଈଶ୍ୱରଙ୍କ ପୁତ୍ର ଅଟନ୍ତି । କିନ୍ତୁ ସେ ଲାଜାରଙ୍କୁ କିପରି ସାହାଯ୍ୟ କରିବେ ?



ଲାଜାରଙ୍କ ମୃତୁ ହେତୁ ସମସ୍ତେ ଦୁଃଖିତ ହେଲେ । ତାଙ୍କର ଭଉଣି ମରିୟମ ରୋଦନ କରୁଥିଲେ । ତାଙ୍କର ବନ୍ଧୁମାନେ ଆସି ତାକୁ ସାନ୍ତନା କରିବାକୁ ଚେଷ୍ଟାକଲେ । ଯୀଶୁ ମଧ୍ୟ କାନ୍ଦିଲେ ।



ଯୀଶୁ ଲୋକମାନଙ୍କ ସହିତ ସମାଧି ନିକଟକୁ ଗଲେ । ଗୁହାର ଦ୍ୱାର ମୁହଁରେ ଗୋଟାଏ ବଡ଼ ପଥର ଥିଲା ।



ଏହି ପଥର ଘୁଞ୍ଚାଇଦିଅ, ଯୀଶୁ ଆଦେଶ
କଲେ । ମାର୍ଥା କହିଲେ, ପ୍ରଭୋ ସେ
ବାସି ଗଲାଣି, କାରଣ ସେ
ଚାରିଦିନ ହେଲା
ମଲାଣି ।



ଯୀଶୁଙ୍କ
ଆଦେଶରେ ସେମାନେ
ପଥର ଘୁଞ୍ଚାଇଦେଲେ ।
ତାହାପରେ ଯୀଶୁ ତାଙ୍କ ସ୍ୱର୍ଗସ୍ଥ
ପିତାଙ୍କୁ ପ୍ରାର୍ଥନା କଲେ । ଯୀଶୁ
ଏକ ମହାନ ଆଶ୍ଚର୍ଯ୍ୟ କାର୍ଯ୍ୟ
କରିବାକୁ ଯାଉଥିଲେ ଯାହାଦ୍ୱାରା
ଯୀଶୁ ଯେ ସଦାପ୍ରଭୁଙ୍କ
ପ୍ରେରିତ ଲୋକ ତାହା
ସେମାନେ ଜାଣିବେ ।





ଯୀଶୁ ଉଚ୍ଚ ସ୍ୱରରେ
ଡାକିଲେ କହିଲେ, ଲାଜାର ।
ବାହାରିଆସ, ଲୋକମାନେ
ଆଶ୍ଚର୍ଯ୍ୟ ହୋଇ ଗୁହା
ଆଡ଼କୁ ଚାହିଁ ରହିଥାଇ
ପାରନ୍ତି । ଯୀଶୁ ସେହି ମୃତ
ଲୋକକୁ ମୃତୁରୁ ଉଠାଇ
ପାରିବେ କି?



ହଁ ଲାଜାର ଗୁହାରୁ ବାହାରକୁ ଆସିଲେ, ତାହାର ସମସ୍ତ ଶରିର ସମାଧି ବସ୍ତ୍ରରେ ଗୁଡ଼ାହଇଥିଲା- ଜୀବନ୍ତ

ଏହାର ବନ୍ଧନ ଖୋଲିଦିଅ,

ଯୀଶୁ କହିଲେ । ତାକୁ ଯିବାକୁ ଦିଅ ।

ସେଠାରେ କି ଆନନ୍ଦରେ ଭରିଗଲା,

ଲୁହ ଆନନ୍ଦରେ ବଦଳି ଗଲା ।



ଯୀଶୁ ତାଙ୍କ କଥା ରଖିଲେ । ଲାଜାର ପୁନର୍ବାର ବଞ୍ଚିଲା । କେବଳ ଇଶ୍ୱରଙ୍କ ପୁତ୍ର ସେହି ମୃତ ବ୍ୟକ୍ତିଙ୍କୁ ଜୀବନଦାନ ଦେଇପାରିବେ ।



ଅନେକ ଲୋକ ଯେଉଁମାନେ ସେହି ଆଶ୍ଚର୍ଯ୍ୟକର୍ମ ଦେଖିଲେ ଯୀଶୁଙ୍କ ଉପରେ ବିଶ୍ୱାସ କଲେ । କିନ୍ତୁ କେତେକ ଲୋକ ସେହି ବିଷୟରେ ତାଙ୍କ ଶତ୍ରୁ-ପ୍ରଧାନ ଯାଜକ ଓ ଫାରୁଷିମାନଙ୍କୁ ଜଣାଇଲେ । ଈର୍ଷ୍ୟାରେ ସେମାନେ ତାଙ୍କୁ ବଧ କରିବାକୁ ଯୋଜନା କଲେ । ତାହା ଜାଣି ଯୀଶୁ ସେଠାରୁ ଯାଇ କିଛି ସମୟ ନିମନ୍ତେ ପ୍ରାନ୍ତରରେ ରହିଲେ ।



ଯୀଶୁ ଏବଂ ଲାଜାର

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯୋହନ ୧୧

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ
ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬